## ପ୍ଲାଜ୍‌ମା ଦାନ ଉପରେ ମନ୍ତ୍ରୀଙ୍କ ଆଲୋଚନା

**କେନ୍ଦ୍ରାପଡ଼ା ଅଫିସ:** କେନ୍ଦ୍ରାପଡ଼ା ଜିଲାରେ ୪୬୩ କରୋନା ସଂକ୍ରମିତଙ୍କ ମଧ୍ୟରୁ ୩୮୪ ସୁସ୍ଥ ହୋଇଛନ୍ତି। ଏହି ସୁସ୍ଥ ବ୍ୟକ୍ତିଙ୍କଠାରୁ ପ୍ଲାଜ୍‌ମା ଗ୍ରହଣ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୈଠକରେ ସୁସ୍ଥ ବ୍ୟକ୍ତିଙ୍କୁ ସଚେତନ କରିବାକୁ ନିଷ୍ପତ୍ତି ହୋଇଥିଲା। କରୋନାର ସଫଳ ଚିକିତ୍ସା ବାହାରି ନ ଥିବାରୁ ରାଜ୍ୟ ସରକାର ପ୍ଲାଜ୍‌ମା ଚିକିତ୍ସାକୁ ଗୁରୁତ୍ୱ ଦେଇଥିବା ମନ୍ତ୍ରୀ ସ୍ୱାଇଁ କହିଥିଲେ। ବୈଠକରେ ଆଜି ବିଧାୟକ ପ୍ରତାପକେଶରୀ ଦେବ, କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ଜିଲାପାଳ ସମର୍ଥ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରା ବ୍ୟବସାୟୀଙ୍କ କବ୍‌ଜାରେ ଜଙ୍ଗଲ ଜମି

**ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳ**
- ୪୫୬.୩୪ ଏକର ଜଙ୍ଗଲ ଜମି କବ୍‌ଜା କରିଛନ୍ତି କଳାପଥର ବ୍ୟବସାୟୀ
- କାର୍ଯ୍ୟକାରୀ ହେଉନି ୧୪୪ ଧାରା
- ନଷ୍ଟ ହେଉଛି ପ୍ରାକୃତିକ ସମ୍ପଦ, ଜୈବ ବିବିଧତା

**ଯାଜପୁର ଅଫିସ, ୩୦।୭**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ବିଛାଖଣ୍ଡି, ଅଞ୍ଜିରା ଓ କୁସୁନପୁର ଜଙ୍ଗଲ କିସମ ମୌଜାର ୪୫୬.୩୪ ଏକର ଜମି କଳାପଥର ବ୍ୟବସାୟୀଙ୍କ କବଜାରେ ରହିଛି। ବଳଙ୍ଗ ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟ ଆଧାରରେ ଧର୍ମଶାଳା ତହସିଲଦାର ଯାଜପୁର ଅତିରିକ୍ତ ଜିଲାପାଳ(ଏଡିଏମ)ଙ୍କୁ ଦେଇଥିବା ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି। ଏହି ମର୍ମରେ ଧର୍ମଶାଳା ତହସିଲଦାର ୫ରୁ ଊର୍ଦ୍ଧ୍ୱ ଥର ଏଡିଏମ୍ ଓ କଟକ ବନଖଣ୍ଡ ଡିଭିଜନାଲ ଫରେଷ୍ଟ ଅଫିସର(ଡିଏଫଓ)ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସରକାରୀ ଜଙ୍ଗଲ ଜମି ଶେଷ ହେବାକୁ ବସିଛି ବୋଲି ମତପ୍ରକାଶ ପାଇଛି। କଳାପଥର ବ୍ୟବସାୟୀଙ୍କ ସହ ମୂଳଚାଲ କରି ସମ୍ପୃକ୍ତ ସରକାରୀ ଅଧିକାରୀ ଏହି ଜଙ୍ଗଲ ଜମିକୁ ସେମାନଙ୍କ ହାତକୁ ଟେକି ଦେଇଥିବାରୁ ବିଭିନ୍ନ ପ୍ରାକୃତିକ ସମ୍ପଦ, ଜୈବ ବିବିଧତା, ପଶୁପକ୍ଷୀ ବିପଦରେ ପଡିଛନ୍ତି ବୋଲି ଆଖପାଖ ଗ୍ରାମବାସୀ ପ୍ରକାଶ କରିଛନ୍ତି।

ରାଜ୍ୟରେ ପ୍ରତିବର୍ଷ ୩ ଲକ୍ଷରୁ ଊର୍ଦ୍ଧ୍ୱ ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି ବୋଲି ଆକଳନ କରାଯାଉଛି। ଏହି ପରିସ୍ଥିତିରେ ଆଗାମୀ ୧୦ବର୍ଷରେ ଓଡ଼ିଶା ଜଙ୍ଗଲଶୂନ୍ୟ ହେବ ବୋଲି ବିଶେଷଜ୍ଞ ଓ ପରିବେଶବିତ୍‌ମାନେ ସତର୍କ କରାଇଛନ୍ତି। ଏଥିପାଇଁ ସେମାନେ ଶିଳ୍ପ ଓ ଖଣି ଖାଦାନକୁ ଦାୟୀ କରିଛନ୍ତି। କିନ୍ତୁ ଏହି ଉଦ୍‌ବେଗଜନକ ସ୍ଥିତି ଜଙ୍ଗଲ ବିଭାଗକୁ ତତ୍ପର କରିଥିବା ମନେ ହେଉନାହିଁ। ଜୋରସୋରରେ ଲଘୁଖଣିଜ ଦ୍ରବ୍ୟ ଲୁଟ ସହ ଶିଳ୍ପାୟନ ଚାଲିଥିବା ଯାଜପୁର ଜିଲାରେ ଜଙ୍ଗଲ ବିଭାଗ ଟଙ୍କା ଯା'ର ଜଙ୍ଗଲ ତା'ର ନୀତି ଆପଣେଇଥିବା ମନେ ହେଉଛି। ଏହି କ୍ରମରେ ଧର୍ମଶାଳା ତହସିଲଦାର ଏଡିଏମ୍ ଓ ଡିଏଫଓଙ୍କୁ ଦେଇଥିବା ରିପୋର୍ଟରୁ ଜଣାପଡିଛି ଯେ, ଧର୍ମଶାଳା ତହସିଲର ବିଛାଖଣ୍ଡି, ଅଞ୍ଜିରା ଓ କୁସୁନପୁର ଜଙ୍ଗଲ ଜମିରେ ଶତାଧିକ ପଥର ଖାଦାନ ଚାଲିଛି। ବିଛାଖଣ୍ଡି ଜଙ୍ଗଲ କିସମ ମୌଜାର ଖାତା ନମ୍ବର ୩୮୯ର ପ୍ଲଟ ନମ୍ବର ୧୮୪୮, ୧୮୫୬, ୧୮୬୧, ୧୮୭୬, ୧୮୭୨ ଓ ୧୮୭୧, ଅଞ୍ଜିରା ଜଙ୍ଗଲ କିସମ ମୌଜାର ଖାତା ନମ୍ବର ୧୭୨୯ର ପ୍ଲଟ ନମ୍ବର ୧୪୭୭ ଏବଂ କୁସୁନପୁର ସଂରକ୍ଷିତ ଜଙ୍ଗଲ କିସମ ମୌଜାର ଖାତା ନମ୍ବର ୬୩୧ର ପ୍ଲଟ ନମ୍ବର ୧୩୫୮, ୧୩୬୬, ୧୫୨୭ ଓ ୧୫୫୬ର ୪୫୬.୩୪ ଏକର ଜମିରୁ ବେଆଇନ କଳାପଥର ଉତ୍ତୋଳନ ହେଉଛି। ଏହାବାଦ ବେଆଇନ ଖାଦାନ ସହ କ୍ରଶରଗୁଡିକ ମଧ୍ୟ ଜଙ୍ଗଲ ଜମିରେ ଚାଲିଛି। ଏଥିଯୋଗୁ ପରିବେଶ ପ୍ରଦୂଷଣ ଉତ୍କଟ ହେଉଥିବା ବେଳେ ସରକାର ବ୍ୟାପକ ରାଜସ୍ୱ ହରାଉଛନ୍ତି। ଏହି ବେଆଇନ କାରବାର ରୋକିବାକୁ ତହସିଲ ପକ୍ଷରୁ ୧୧।୯।୨୦୧୯ରୁ ଉପରୋକ୍ତ ଜଙ୍ଗଲ ଜମିରେ ୧୪୪ ଧାରା ଲାଗୁ କରାଯାଇଛି। ତଥାପି ବିନା ଆର୍‌-ଫର୍ମରେ ଦୈନିକ କିଭଳି ଭାବରେ ବେଆଇନ କଳପଥର ପରିବହନ ହେଉଛି, ତାହା ତଦନ୍ତ ସାପେକ୍ଷ। ରାସ୍ତାରେ ଗେଟି, ବୋଲଡର, ଚିପ୍ସ ଆଦି ପରିବହନ କରାଯାଉଥିବା ଗାଡିର ଚେକିଂ କରୁଥିବା ଅଧିକାରୀ ଓ କର୍ମଚାରୀମାନେ ମୋଟା ଅଙ୍କର ହାତଗୁଞ୍ଜା ନେଇ ବେଆଇନ ପରିବହନକୁ ଛାଡି ଦେଉଥିବା ଅଭିଯୋଗ ହେଉଛି। ଏ ନେଇ ଆଖପାଖ ଗ୍ରାମବାସୀ ଜିଲାପାଳଙ୍କଠାରୁ ଆରମ୍ଭ କରି ହାଇକୋର୍ଟରେ ମାମଲା ମଧ୍ୟ ରୁଜୁ କରିଛନ୍ତି। କିନ୍ତୁ ସମ୍ପୃକ୍ତ ସରକାରୀ ଅଧିକାରୀମାନେ ଟଙ୍କା ଲୋଭରେ ଯେନତେନ ପ୍ରକାରେ ରିପୋର୍ଟ ଦାଖଲ କରି ନିଜର ଦୋଷ ଛଡାଇବାରେ ବ୍ୟସ୍ତ ରହୁଛନ୍ତି। ତେବେ ଏହାକୁ ବିରୋଧ କରି ୨୦୧୯ ସେପ୍ଟେମ୍ବରରେ ବେଆଇନ ପଥର ଖାଦାନକୁ ଆଖପାଖ ଅଞ୍ଚଳର ଲୋକେ ବିରୋଧ କରିଥିଲେ। ଏହାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଯେଉଁମାନେ ଜଙ୍ଗଲ ଜମିର ସୁରକ୍ଷା ପାଇଁ ବେଆଇନ ଖାଦାନକୁ ବିରୋଧ କରିଥିଲେ ସେହି ଗୋଷ୍ଠୀର ୩୨ ଜଣଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଥିଲା। ଏ ସଂକ୍ରାନ୍ତରେ କଟକ ଡିଏଫଓ ସୁଦର୍ଶନ ପାତ୍ରଙ୍କୁ ପଚାରିବାରେ ବେଆଇନ କଳାପଥର ଖାଦାନ ରୋକିବାକୁ ଜିଲାପାଳଙ୍କ ଦ୍ୱାରା ଗଠିତ ସ୍କ୍ୱାଡ ଏବେ ଭଲଭାବରେ କାର୍ଯ୍ୟକାରୀ ହେଉନାହିଁ। ଜଙ୍ଗଲ ବିଭାଗରେ ୭୫ ଗାର୍ଡ ବଦଳରେ ମାତ୍ର ୨୭ ଜଣ ଅଛନ୍ତି। ସେହି ଦୃଷ୍ଟିରୁ ଠିକ୍ ଭାବେ ଧରପଗଡ଼ ହୋଇପାରୁନାହିଁ। ତଥାପି ବେଆଇନ କାରବାର ଉପରେ ଅଙ୍କୁଶ ଲଗାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବନ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

**ଖଣ୍ଡପଡ଼ା,୩୦।୭(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା କିଆଝର ପଞ୍ଚାୟତର ଗୁରିଆବାରୀ ସଂରକ୍ଷିତ ଜଙ୍ଗଲରେ ଗୁରୁବାର ବନ କର୍ମଚାରୀ ପଣସପଦର ଗ୍ରାମର ଆନନ୍ଦ ନାଏକ(୫୦)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହାସହ ସିଂଘାପଡା ବନପାଳ ପ୍ରଫୁଲ୍ଲ କୁମାର ନାୟକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଛି। ଏ ନେଇ ଖଣ୍ଡପଡା ଥାନାରେ ଅଭିଯୋଗ ପରେ ପୋଲିସ ୧୯୫/୨୦ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ବନବିଭାଗ ପକ୍ଷରୁ ସଂରକ୍ଷିତ ଜଙ୍ଗଲରେ ବାଉଁଶ ଚାରା ରୋପଣ କରାଯାଉଛି। ଏପରିସ୍ଥଳରେ ଗିରିଡିପଲ୍ଲୀ ଗ୍ରାମର ରଘୁ ଜେନା ଅନଧିକାର ଭାବେ ଉକ୍ତ ଜଙ୍ଗଲରେ କାଜୁ ଗଛ ଲଗାଇଥିଲେ। ବନ କର୍ମଚାରୀ ଏହାକୁ ଉଚ୍ଛେଦ କରି ବାଉଁଶ ଚାରା ରୋପଣ ବେଳେ ରଘୁ ବିରୋଧ କରି ଗଣ୍ଡଗୋଳ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

### ପିଇଓଙ୍କୁ ମାଡ଼ ଘଟଣାରେ ଜଣେ ଗିରଫ

**ନୟାଗଡ଼ ଅଫିସ, ୩୦।୭:** କୋଭିଡ୍ ଡ୍ୟୁଟି ବେଳେ ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ପ୍ରସନ୍ନ ସେଠୀଙ୍କୁ ମାଡ଼ ମାରିବା ଘଟଣାରେ ସଦର ଥାନା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ହେଲେ ଷଠିଆପଲ୍ଲୀର ପ୍ରହଲାଦ ପାତ୍ର ଓରଫ ଟୁକୁର (୩୪)। ଗତ ଏପ୍ରିଲ ୯ ତାରିଖରେ ଖୁଣ୍ଟୁବନ୍ଧ ପଞ୍ଚାୟତରେ ନିର୍ବାହୀ ଅଧିକାରୀ କୋଭିଡ୍ ଚାଉଳ ବଣ୍ଟନ ବେଳେ ପ୍ରହଲାଦ ଗାଳିଗୁଲଜ ସହ ମାରପିଟ କରିଥିଲେ। ପ୍ରସନ୍ନଙ୍କ ଅଭିଯୋଗ କ୍ରମେ ପୋଲିସ ୫୧/୨୦ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

### ପଥର ଚୋରଙ୍କ ଆକ୍ରମଣ ଟାଙ୍ଗୀ ତହସିଲଦାର ଓ ଆର୍‌ଆଇ ଆହତ

**ନୟାଗଡ଼ ଅଫିସ/ରଣପୁର, ୩୦।୭ (ସ୍ୱ.ପ୍ର.):** ଗୁରୁବାର ପଥର ଚୋରଙ୍କ ଆକ୍ରମଣରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ତହସିଲଦାର ଅଶ୍ୱିନୀ କୁମାର ଦାସ ଓ ଜଣେ ଆର୍‌ଆଇ ଆହତ ହୋଇଛନ୍ତି। ଅଭିଯୁକ୍ତମାନେ ସେମାନଙ୍କ ବୋଲେରୋ ମଧ୍ୟ ଭଙ୍ଗାରୁଜା କରିଛନ୍ତି। ତହସିଲଦାରଙ୍କ ଅଭିଯୋଗ କ୍ରମେ ନୟାଗଡ଼ ଜିଲାର ଚାନ୍ଦପୁର ପୋଲିସ ୬୬/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ ପାତ୍ରପଡାର ଏକ ଖଣି ଉପରେ ଟାଙ୍ଗୀ ତହସିଲଦାର କର୍ମଚାରୀଙ୍କୁ ନେଇ ଚଢ଼ାଉ କରିଥିଲେ। କିଛି ପଥର ଚୋର ଟ୍ରକ୍‌ରେ ମାଙ୍କଡା ପଥର ନେଇ ଯାଉଥିବାବେଳେ ତହସିଲଦାର ସେମାନଙ୍କ ପିଛା କରିଥିଲେ। ଏହି ସମୟରେ ପଥର ଚୋରମାନେ ଚାନ୍ଦପୁର ଥାନା ବେଣ୍ଟ ଅଞ୍ଚଳରେ ତହସିଲଦାରଙ୍କ ଉପରକୁ ଟେକାପଥର ମାଡ଼ କରି ସେଠାରୁ ଫେରାର ହୋଇଯାଇଥିଲେ।

# କେବୁଲ୍ ଟିଭି ମାଧ୍ୟମରେ ଶିକ୍ଷାଦାନ

**୨୭୩ ପ୍ରଧାନଶିକ୍ଷକଙ୍କ ସହ ଡିଇଓଙ୍କ ଗୁଗଲ୍ ମିଟ୍**
- ମାଟ୍ରିକ ପରୀକ୍ଷା ଫଳ ଉପରେ ସମୀକ୍ଷା
- ବିଦ୍ୟାଳୟ ଅନୁଦାନର ବିନିଯୋଗ ପ୍ରମାଣ ପତ୍ର ଶୀଘ୍ର ଦାଖଲ ନିର୍ଦ୍ଦେଶ

**ଜଗତ୍‌ସିଂହପୁର ଅଫିସ, ୩୦।୭**

ଜଗତ୍‌ସିଂହପୁର ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପ୍ରତିଭା ମଞ୍ଜରୀ ଦାସ ଜିଲାର ୨୭୩ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସହ ଗୁରୁବାର ଗୁଗଲ୍ ମିଟ୍ କରିଛନ୍ତି। ଏଥିରେ ଡିଇଓ ୧ମରୁ ୮ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ଚାଉଳ ଓ ଅନ୍ୟ ଅର୍ଥରାଶି ପ୍ରଦାନ, ମାଟ୍ରିକ ପରୀକ୍ଷା ଫଳ, କେବୁଲ୍ ମାଧ୍ୟମରେ ଅନ୍‌ଲାଇନ୍‌ରେ ଶିକ୍ଷାଦାନ, ବିଦ୍ୟାଳୟ ଅନୁଦାନର ବିନିଯୋଗ ପ୍ରମାଣପତ୍ର, ନ୍ୟାଶନାଲ ସ୍କଲାରଶିପ୍ (ଜାତୀୟ ବୃତ୍ତି) ପୋର୍ଟାଲରେ ବିଦ୍ୟାଳୟଗୁଡିକ ପଞ୍ଜୀକରଣ କରାଯିବା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅନଲାଇନ୍ ଶିକ୍ଷାଦାନ ଉପରେ ଜ୍ଞାନ ବୃଦ୍ଧି ପାଇଁ ଚକ୍‌ଲିଟ୍ ଆପ୍‌ରେ ନାମ ପଞ୍ଜୀକରଣ ଆଦି ଉପରେ ସମୀକ୍ଷା କରିଥିଲେ।

ସେ କହିଥିଲେ, ମାର୍ଚ୍ଚ ୧୩ରୁ ଜୁନ ୧୩ ପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଚାଉଳ ଓ ଖର୍ଚ୍ଚ ବାବଦ ଅର୍ଥ ଦିଆଯାଇଛି। ଏବେ ଜୁନ ୧୪ରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ପୁନଶ୍ଚ ୫୭ ଦିନର ଚାଉଳ ପ୍ରଦାନ କରାଯିବ। ଏହା ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟଙ୍କ ଉପସ୍ଥିତିରେ କରୋନା ମୁକାବିଲା ସମ୍ପର୍କିତ ସତର୍କତା ଅବଲମ୍ବନପୂର୍ବକ କରାଯିବ। ଅନ୍ୟ ଖର୍ଚ୍ଚ ବାବଦକୁ ଅର୍ଥ ସେମାନଙ୍କ ଆକାଉଣ୍ଟକୁ ପଠାଯିବ। ଆଇଏଫ୍‌ଏ (ଆଇରନ୍ ଓ ଫଲିକ ଏସିଡ୍ ଥିବା) ବଟିକା ମଧ୍ୟ ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଚଳିତ ମାଟ୍ରିକ ପରୀକ୍ଷା ଫଳ ଆଶାଜନକ ହୋଇ ନ ଥିବାରୁ ଡିଇଓ କ୍ଷୋଭ ପ୍ରକାଶ କରିଥିଲେ। ଗତବର୍ଷ ଏ-୧ ଗ୍ରେଡ୍ ୪୨ ଜଣ ପାଇଥିଲେ, ଚଳିତବର୍ଷ କାହିଁକି ୪୦କୁ ଖସିଲା ସେନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକମାନେ ଏ ବାବଦରେ ତର୍ଜମା କରିବା ଜରୁରୀ ବୋଲି କହିଥିଲେ। କରୋନା ଯୋଗୁ ଶିକ୍ଷାଦାନ ପ୍ରକ୍ରିୟା ପ୍ରଭାବିତ ହୋଇଥିବାରୁ ଛାତ୍ରୀଛାତ୍ରଙ୍କୁ ଅନଲାଇନ୍ ପାଠ୍ୟଦାନ ଜରୁରୀ ହୋଇ ପଡିଥିବା କୁହାଯାଇଥିଲା। ଜିଲାରେ ଅନଲାଇନ୍ ପାଠପଢାକୁ କିପରି ଅଧିକ କ୍ରିୟାଶୀଳ କରାଯାଇ ପାରିବ ତା' ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ସ୍ଥାନୀୟ ଏକ କେବୁଲ ଚ୍ୟାନେଲ (ଟିଭି) ମାଧ୍ୟମରେ ଶିକ୍ଷାଦାନ କରାଯିବ। ପରେ ୯ମ ଓ ସଫଳତା ମିଳିଲେ ଅନ୍ୟ ଶ୍ରେଣୀର ପିଲାଙ୍କ ପାଇଁ ଏଭଳି ଶିକ୍ଷାଦାନ କରାଯିବାକୁ ବ୍ୟବସ୍ଥା ହେବ। ଏନେଇ ଶୁକ୍ରବାର ଜିଲାର ସାଧନ କର୍ମୀ ଓ କୃତୀ ଶିକ୍ଷକମାନଙ୍କୁ ନେଇ ଡିଇଓ ପୁଣିଥରେ ଗୁଗଲ ମିଟ୍ କରିବେ। ଭାରତ ସରକାର ଚକ୍‌ଲିଟ୍ ଆପ୍ ଜରିଆରେ ଶିକ୍ଷକଙ୍କୁ ଅଡିଓ, ଭିଡିଓ ସହ କିପରି ଭଲ ଶିକ୍ଷାଦାନ କରିପାରିବେ ସେ କୌଶଳ ଅନଲାଇନ୍‌ରେ ପ୍ରଦାନ କରୁଛନ୍ତି। ଏନେଇ ନାମ ପଞ୍ଜୀକରଣ ଆବଶ୍ୟକ ହେଉଛି। ତେଣୁ ଜିଲାର ଶିକ୍ଷୟିତ୍ରୀଶିକ୍ଷକ ଶୀଘ୍ର ନାମ ପଞ୍ଜୀକରଣ କରିବାକୁ ପରାମର୍ଶ ଦିଆଯାଇଛି। ଭାରତ ଏବଂ ଓଡ଼ିଶା ସରକାରଙ୍କ ତରଫରୁ ନ୍ୟାଶନାଲ ସ୍କଲାରଶିପ୍ (ଜାତୀୟ ବୃତ୍ତି) ପୋର୍ଟାଲରେ ବିଦ୍ୟାଳୟଗୁଡିକୁ ପଞ୍ଜୀକରଣ କରାଯିବାକୁ ପରାମର୍ଶ ଦିଆଯାଇଥିଲା। ତାହା ନ ହେଲେ ପିଲାଙ୍କ ନାଁ ଏଥିରେ ସଂଯୋଗ କରିହେବ ନାହିଁ। ଇନ୍‌ସ୍ପେୟାରମାନକ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତା ପାଇଁ ଛାତ୍ରୀଛାତ୍ରଙ୍କୁ ଆଗକୁ ନେବାକୁ ପଡିବ। ତେଣୁ ଏନେଇ ପିଲାଙ୍କ ମଧ୍ୟରେ ଆଇଡିଆ ପ୍ରତିଯୋଗିତା କରାଇ ଇନ୍‌ସ୍ପେୟାରମାନକ ପୋର୍ଟାଲରେ ବିଦ୍ୟାଳୟ ତରଫରୁ ପିଲାମାନଙ୍କ ନାମ ପଞ୍ଜୀକରଣ କରାଇବାକୁ କୁହାଯାଇଥିଲା। ୬୦ କୃତୀ ଛାତ୍ରୀଛାତ୍ରଙ୍କ ନାଁ ଏହି ପୋର୍ଟାଲରେ ପଞ୍ଜୀକରଣ କରାଯାଇଥିଲେ ସୁଦ୍ଧା ସେମାନଙ୍କ ଆକାଉଣ୍ଟରେ ଅନ୍ୟ ନାଁ ରହିଛି। ଯେଉଁଥିପାଇଁ ଏହି ପିଲାମାନେ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ଓ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ଅର୍ଥରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ନାମ ଠିକ ଭାବରେ ପଞ୍ଜୀକରଣ କରିବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ସଂଯୋଜନା କରିଥିବା ବେଳେ ଜୀବନ କୁମାର ସାହୁ ସହାୟତା କରିଥିଲେ।


କୋଭିଡ୍ କେୟାର ସେଣ୍ଟରରେ ଡାକ୍ତର ଟିମ୍ ଓ ଅନ୍ୟମାନେ।

# କୋଭିଡ୍ କେୟାର ସେଣ୍ଟରରେ ମକ୍‌ଡ୍ରିଲ୍

**ରାଜନଗର,୩୦।୭(ଡି.ଏନ୍.ଏ.)**

ରାଜନଗରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଥିବା ଇନ୍‌ଡୋର ଷ୍ଟାଡ଼ିୟମରେ ଶହେ ଶଯ୍ୟାବିଶିଷ୍ଟ କୋଭିଡ କେୟାର ସେଣ୍ଟର ପ୍ରସ୍ତୁତ କରାଯାଇଛି। ଏଠାରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ ଓ ଫାର୍ମାସିଷ୍ଟଙ୍କ ପାଇଁ ଅଲଗା ଅଲଗା ଚାମ୍ବର କରାଯାଇଛି। କରୋନା ପଜିଟିଭ ଚିହ୍ନଟ ହେବାପରେ ଲକ୍ଷଣ ନ ଥିବା କିମ୍ବା ଅଳ୍ପ ଲକ୍ଷଣ ଥିବା ରୋଗୀଙ୍କୁ ଏଠାରେ ରଖି ଚିକିତ୍ସା କରାଯିବ। ଗୁରୁତର ରୋଗୀଙ୍କୁ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ ବୋଲି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଏହି ସେଣ୍ଟରରେ ୨ ଡାକ୍ତରୀ ଦଳକୁ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଡାକ୍ତର, ଷ୍ଟାଫନର୍ସ, ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟମାନଙ୍କୁ ନେଇ ଗୁରୁବାର ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଆକ୍ରାନ୍ତ ଆସିଲେ କିପରି ଚିକିତ୍ସା କରାଯିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି।

## ନୟାଗଡ଼ରେ ୨୪ ଲୋକାଲ କେସ୍

**ନୟାଗଡ଼ ଅଫିସ/ରଣପୁର, ୩୦।୭(ସ୍ୱ.ପ୍ର.)**

ନୟାଗଡ଼ ଜିଲାରୁ ଗୁରୁବାର ୨୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୬୧ରେ ପହଞ୍ଚିଛି। ଜିଲାର ଭାପୁର ବ୍ଲକରୁ ୬, ଖଣ୍ଡପଡାରୁ ୧, ଓଡଗାଁରୁ ୪ ଓ ରଣପୁରରୁ ୧୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ଜଣେ ବ୍ୟକ୍ତି ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାବ୍ ପରୀକ୍ଷଣ କରିଥିଲେ। ସେ ମଧ୍ୟ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ବୋଲି ଜିଲାପାଳ ପୋମା ଟୁଡୁ ସୂଚନା ଦେଇଛନ୍ତି। ନୟାଗଡ ବ୍ଲକ ଗଡଭିତରସାହିରୁ ଜଣେ ଆକ୍ରାନ୍ତ ଚିହ୍ନଟ ପରେ ସଂକ୍ରମଣ ଆଶଙ୍କାରେ ବଡ଼ପଣ୍ଡୁସର ପଞ୍ଚାୟତକୁ ସରପଞ୍ଚ ଜଗନ୍ନାଥ ସେଠୀ ୪ ଦିନ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଶୁକ୍ରବାର ସକାଳ ୭ରୁ ସୋମବାର ରାତି ୯ ପର୍ଯ୍ୟନ୍ତ ଏହା ଲାଗୁ ହେବ ବୋଲି ସେ କହିଛନ୍ତି। ସେହିପରି ରଣପୁର ବ୍ଲକ ଗୋପାଳପୁର ପଞ୍ଚାୟତରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଗୋପାଳପୁର ପଞ୍ଚାୟତ ଶଟ୍‌ଡାଉନ ହୋଇଛି। ଏ ନେଇ ଗୁରୁବାର ଅପରାହ୍ନ ୩ଟାରୁ ରବିବାର ରାତି ୯ଟା ପର୍ଯ୍ୟନ୍ତ ଶଟ୍‌ଡାଉନ କରାଯାଇଛି ବୋଲି ସରପଞ୍ଚ ଶରତ ରଥ ପ୍ରକାଶ କରିଛନ୍ତି।

## ଛାତ୍ରଙ୍କୁ ପୋଲିସର ମାଡ଼ ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ/ପଟ୍ଟାମୁଣ୍ଡାଇ (ଡି.ଏନ୍.ଏ.)୩୦।୭**

ଜମି ସମସ୍ୟାକୁ ନେଇ ପଟ୍ଟାମୁଣ୍ଡାଇ ଥାନାର ଜଣେ ଏଏସ୍‌ଆଇ ଦେଉଳି ଗ୍ରାମର ଛାତ୍ର ଆଲୋକ ବେହେରାଙ୍କୁ ୨୭ ତାରିଖରେ ମାଡ଼ ମାରିଛନ୍ତି। ଏପରି ଅଭିଯୋଗ ଆଣି କେନ୍ଦ୍ରାପଡା ଯୁବ କଂଗ୍ରେସ ପକ୍ଷରୁ ଗୁରୁବାର ଜିଲାପାଳ ଓ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ସମ୍ପୃକ୍ତ ଏଏସ୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଇଛି। ଏ ସମ୍ପର୍କରେ ଜିଲା ଯୁବ କଂଗ୍ରେସ କମିଟି ସଭାପତି ସତ୍ୟପ୍ରିୟ ସାମଲ କହିଛନ୍ତି, ଆଲୋକ ଜଣେ ଗରିବ ଛାତ୍ର। ବାହାରେ ରହି ପଢୁଥିବା ବେଳେ ପଡୋଶୀଙ୍କ ଅଭିଯୋଗ ମୁତାବକ ଏଏସ୍‌ଆଇ ତାଙ୍କୁ ମାଡ଼ ମାରିଛନ୍ତି। ତେବେ ପ୍ରଶାସନ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ କରାଯିବ।

## କେନାଲରୁ ଜବରଦଖଲ ଉଚ୍ଛେଦ ଦାବି

**କୁଜଙ୍ଗ,୩୦।୭(ଡି.ଏନ.ଏ.)**

କୁଜଙ୍ଗ ବ୍ଲକ ଜଗନ୍ନାଥପୁର ମୌଜାର କେତେଜଣ ବ୍ୟକ୍ତି କେନାଲକୁ ଜବରଦଖଲ କରି ଗୁହାଳ, ପାଇଖାନା ଆଦି ନିର୍ମାଣ କରିଛନ୍ତି। ଏଥିସହିତ ଆବର୍ଜନା ପକାଇ କେନାଲକୁ ପୋତି ଦେଉଛନ୍ତି। ଫଳରେ ଚାଷ ଜମିକୁ ପାଣି ଯିବାରେ ଅସୁବିଧା ହେଉଛି। ତେଣୁ ଶୀଘ୍ର ଜବରଦଖଲ ଉଚ୍ଛେଦ କରିବାକୁ ଦାବିକରି କୁଜଙ୍ଗ ବଳରାମପୁର ମୌଜାର ଶତାଧିକ ଚାଷୀ ଗୁରୁବାର କୁଜଙ୍ଗ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ ଦାବିପତ୍ର ଦେଇଛନ୍ତି। ତହସିଲଦାର ତତ୍‌କ୍ଷଣାତ୍ ଅବରୋଧସ୍ଥଳ ବୁଲି ଦେଖିଥିଲେ। ଚାଷୀଙ୍କ ଦାବିକୁ ଗୁରୁତର ସହିତ ନେଇ ତହସିଲଦାର ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ନୋଟିସ୍ ଦେବେ ବୋଲି କହିଛନ୍ତି। ଚାଷୀନେତା ହୃଷୀକେଶ ନାଥ, ଜଗବନ୍ଧୁ ଦାସ, ବସନ୍ତ ନାଥ, ବିକାଶ ନାଥ, ରାକେଶ ନାଥ, ତପନ ନାଥ ପ୍ରମୁଖ ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ସୂଚନାଯୋଗ୍ୟ, କୁଜଙ୍ଗ ବଳରାମପୁର ମୌଜାର ଚାଷୀମାନେ ଏହି ଜବରଦଖଲ ସମ୍ପର୍କରେ ୨୦୧୯ ଜୁନ୍ ୧୬ରେ ତହସିଲରେ ଜଣାଇଥିଲେ। ୨୦୧୯ ସେପ୍ଟେମ୍ବର ୧୬ରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଦକ୍ଷେପ ନିଆଯାଇଥିଲା। କିନ୍ତୁ କ'ଣ ହେଲା କେଜାଣି ରାଜସ୍ୱ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ନିରବ ରହିଗଲେ। ପୁନର୍ବାର ୨୦୧୯ ଡିସେମ୍ବର ୨ରେ ଚାଷୀମାନେ ଅଭିଯୋଗ କରିଥିଲେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା।


ତହସିଲଦାର ଓ ଅନ୍ୟମାନେ ଜବରଦଖଲସ୍ଥଳ ବୁଲି ଦେଖୁଛନ୍ତି।

# ଜବରଦଖଲକାରୀଙ୍କୁ ପୋଲିସର ଅନୁକମ୍ପା

**ଶିଶୁ ଉଦ୍ୟାନ ନିଅଁ ପୋତିବା ପରେ ଉତ୍ତେଜନା**
- ପୌର ନିର୍ବାହୀ ଅଧିକାରୀ ଓ ଗାଁ ଲୋକଙ୍କ ଏତଲା ରଖିଲାନି
- ମାଡ଼ମାରି ଗ୍ରାମବାସୀଙ୍କ ନାଁରେ ରୁଜୁକଲା ୨ ମାମଲା

**ନୟାଗଡ଼ ଅଫିସ/ରଣପୁର, ୩୦।୭(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଏନ୍‌ଏସିର ସାନଗଡ଼ରେ ଜଣେ ବ୍ୟବସାୟୀ ଶିଶୁ ଉଦ୍ୟାନ ପାଇଁ ଖୋଳାଯାଇଥିବା ନିଅଁ ପୋତିବା ପରେ ଉତ୍ତେଜନା ଦେଖାଦେଇଛି। ରଣପୁର ଥାନା ପୋଲିସ ସମ୍ପୃକ୍ତ ବ୍ୟବସାୟୀଙ୍କୁ ସହଯୋଗ କରିବା ସହ ଗାଁ ଲୋକଙ୍କୁ ମାଡ଼ ମାରି ୨ଟି ମାମଲା ରୁଜୁ କରିଛି। ଅନ୍ୟପଟେ ନିଅଁ ପୋତିବା ସମ୍ପର୍କରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଓ ଗ୍ରାମବାସୀ ଏତଲା ଦେବା ସତ୍ତ୍ୱେ ପୋଲିସ ଏହାକୁ ଗ୍ରହଣ ନ କରିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୋଲିସର ଏଭଳି କାର୍ଯ୍ୟକୁ ବିରୋଧ କରି ଗାଁ ଲୋକେ ଜିଲାପାଳ ଓ ଏସ୍‌ପିଙ୍କୁ ଫେରାଦ ହୋଇଛନ୍ତି।

ଅଭିଯୋଗ ଅନୁସାରେ ରଣପୁର ଏନ୍‌ଏସିର ୧ନଂ. ୱାର୍ଡ ସାନଗଡ ପ୍ରାଥମିକ ବିଦ୍ୟାଳୟ ନିକଟରେ ରହିଛି ୧ ଏକର ଗୋଚର ଜମି। ଏହି ଜମିରେ ଏକ ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ଏନ୍‌ଏସି ପକ୍ଷରୁ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏପରି କି ଜେଇଙ୍କ ନାଁରେ କାର୍ଯ୍ୟାଦେଶ ଦେଇ ଶିଶୁ ଉଦ୍ୟାନ କାର୍ଯ୍ୟ ଆରମ୍ଭ କରାଇଛି। ତେବେ ସ୍କୁଲ ପାର୍ଶ୍ୱରେ ରହିଥିବା ଜଣେ ବ୍ୟବସାୟୀ ଶିଶୁ ଉଦ୍ୟାନ ନିର୍ମାଣକୁ ବିରୋଧ କରୁଥିଲେ। ନିଅଁ ଖୋଳିବା ପରେ ସମ୍ପୃକ୍ତ ବ୍ୟବସାୟୀ ଗତ ୨୬ ତାରିଖ ରାତିରେ ଜେସିବି ଦ୍ୱାରା ଏହାକୁ ପୋତି ଦେଇଥିଲେ। ଗ୍ରାମବାସୀ ଏହାର ପ୍ରତିବାଦ କରିବାରୁ ବ୍ୟବସାୟୀ ପୋଲିସକୁ ଡକାଇ ଗାଁଲୋକଙ୍କ ଉପରେ ଜୁଲମ ଆରମ୍ଭ କରିଥିଲେ। ଶିଶୁ ଉଦ୍ୟାନ ନ କରିବାକୁ ପୋଲିସ ଗାଁଲୋକଙ୍କୁ ତାଗିଦ କରିଥିଲା। ଏହାକୁ ଗ୍ରହଣ ନ କରିବାରୁ ପୋଲିସ ମାଡ଼ମାରି ଗାଁଲୋକଙ୍କୁ ଭୟଭୀତ କରାଇଥିଲା। ଏପରି କି ବ୍ୟବସାୟୀଙ୍କ ଅଭିଯୋଗ କ୍ରମେ ପୋଲିସ ୨ଟି ମାମଲା ରୁଜୁ କରିଛି। ୨୧୭/୨୦ରେ ଗାଁର ୧୨ ଜଣଙ୍କ ନାଁରେ ଓ ୨୧୯/୨୦ରେ ୧୭ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି।

ଗାଁ ସଭାପତି ବନମାଳୀ ସାହୁ କୁହନ୍ତି, ବ୍ୟବସାୟୀ ଜଣକ ଗୋଚର ଜମି ସହ ସ୍କୁଲ ଜମିକୁ ଜବରଦଖଲ କରି ରଖିଛନ୍ତି। ଏନ୍‌ଏସି ପକ୍ଷରୁ ବ୍ୟବସାୟୀଙ୍କ ଯାତାୟାତ ପାଇଁ ସରକାରୀ ଜମି ଛଡାଯାଇଥିଲା। ଏହା ସତ୍ତ୍ୱେ ବ୍ୟବସାୟୀ ସମସ୍ତ ଜମି ଜବରଦଖଲ କରି ରଖିବାକୁ ଉଦ୍ୟମ କରିଥିଲେ। ଗାଁରେ ଏକ ଶିଶୁ ଉଦ୍ୟାନ ହେଲେ ପିଲାମାନେ ଖେଳିବାର ସୁଯୋଗ ପାଇବା ପାଇଁ ଗାଁଲୋକ ଏନ୍‌ଏସିର କାର୍ଯ୍ୟକୁ ସହଯୋଗ କରିଥିଲେ। ତେବେ ପୋଲିସ ସରକାରୀ କାର୍ଯ୍ୟକୁ ସହଯୋଗ ଦେବା ବଦଳରେ ଜଣେ ବ୍ୟବସାୟୀଙ୍କ ପ୍ରତି ଅନୁକମ୍ପା ଦେଖାଇଥିଲା। ନିଅଁ ପୋତିଥିବା ଲୋକଙ୍କୁ ସହଯୋଗ ଦେଇ ଗାଁଲୋକଙ୍କୁ ପୋଲିସ ମାରପିଟ କରି ଭୟଭୀତ କରାଇଥିଲା। ଏପରି କି ଶିଶୁ ଉଦ୍ୟାନ ନ କରିବାକୁ ଚେତାବନୀ ଦେଇଥିଲା। ଆମ ଅଭିଯୋଗକୁ ଫେରାଇ ଆମ ନାଁରେ ୨ଟି ମକଦ୍ଦମା କରିଛି। ଗଣତନ୍ତ୍ର ଶାସନରେ ପୋଲିସର ଗୁଣ୍ଡାଗିରି ଗ୍ରହଣୀୟ ନୁହଁ ବୋଲି ସେ କହିଛନ୍ତି। ଏନ୍‌ଏସି ନିର୍ବାହୀ ଅଧିକାରୀ ତାପସ କୁମାର ବିଶି କୁହନ୍ତି, ଶିଶୁ ଉଦ୍ୟାନ ହେଉଛି ସରକାରୀ କାର୍ଯ୍ୟ। ସରକାରୀ କାର୍ଯ୍ୟରେ ବାଧା ଦେଇ ନିଅଁ ପୋତିଥିବା ବ୍ୟକ୍ତି ବିରୋଧରେ ଥାନାରେ ଗତ ୨୭ ତାରିଖରେ ଏତଲା ଦେଇଥିଲି। ହେଲେ ପୋଲିସ ମୋ ଅଭିଯୋଗକୁ ଫେରାଇ ଦେଇଛି। ଏ ନେଇ ମୁଁ ଜିଲାର ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇଛି। ଶରଣକୁଳ ଏସ୍‌ଡିପିଓ ଏସ୍ ଟପୋ କୁହନ୍ତି, ଥାନା ଆଇଆଇସି ଏତଲା ନ ରଖିବା ଠିକ୍ ନୁହେଁ। ତେବେ ଏ ନେଇ ମୁଁ ଆଇଆଇସିଙ୍କ ସହ ଯୋଗାଯୋଗ କରି ଏତଲା ରଖିବାକୁ ନିର୍ଦ୍ଦେଶ ଦେବି। ସମ୍ପୃକ୍ତ ବ୍ୟବସାୟୀଙ୍କ କହିବା କଥା, ମୋ ଘର ଆଗରେ ଜାଗା ନ ଛାଡି ଶିଶୁ ଉଦ୍ୟାନ କରାଯାଉଛି। ମୁଁ ପ୍ରତିବାଦ କରିବାରୁ ଗାଁ ଲୋକେ ମୋ ସହ ଗଣ୍ଡଗୋଳ କରୁଛନ୍ତି। ମୁଁ ପୋଲିସକୁ ଅବଗତ କରାଇବା ପରେ ଏକ ପ୍ରକାର ନ୍ୟାୟ ପାଇଛି।


ଶିଶୁଉଦ୍ୟାନ ପାଇଁ ଖୋଳାଯାଇଥିବା ନିଅଁ ପୋତାଯାଇଛି।

